# ବୃତ୍ତିଭିତ୍ତିକ ଶିକ୍ଷା ହିଁ ସମୟର ଆହ୍ବାନ

## ପ୍ରତିଷ୍ଠା ଦିବସରେ 'ଓଏସଓୟୁ' ମୋବାଇଲ ଆପ୍ ଲୋକାର୍ପିତ

ସମ୍ବଲପୁର,୨୦।୬(ସହର): ଯୁବ ବର୍ଗ ସେମାନଙ୍କ ବୃତ୍ତି ସନ୍ଧାନରେ ଅଛନ୍ତି। ଅନେକଙ୍କ ରୋଜଗାର ହିଁ ସେମାନଙ୍କ ପରିବାର ପ୍ରତିପୋଷଣର ଏକମାତ୍ର ମାଧ୍ୟମ। ଭାରତର ଶିକ୍ଷାନୁଷ୍ଠାନ ଗୁଣାତ୍ମକ ଜନଶକ୍ତିର ଅଭାବର ସମ୍ମୁଖୀନ ହେବା ସହ ବିଶ୍ୱର ପ୍ରତିଯୋଗିତାମୂଳକ ଅର୍ଥନୀତିରେ କୋହଳ ଦେୟ ସହ ଅଭିଜ୍ଞ କର୍ମଚାରୀ ଆବଶ୍ୟକ କରୁଛନ୍ତି। କାରଣ, ନବୀନ କର୍ମଚାରୀଙ୍କୁ ନେଇ ତାଲିମ ଦେଇ ଧୁରୀଣ କରିବା ବ୍ୟୟସାପେକ୍ଷ। ଏଣୁ ବୃତ୍ତିଭିତ୍ତିକ ଶିକ୍ଷା ହିଁ ସମୟର ଆହ୍ୱାନ ବୋଲି ମୁଖ୍ୟଅତିଥି ବିବେକ ସାମନ୍ତ କହିଥିଲେ। ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ରବିବାର ପୂର୍ବାହ୍ଣରେ ଆୟୋଜିତ ତୃତୀୟ ପ୍ରତିଷ୍ଠା ଦିବସରେ ମହାରାଷ୍ଟ୍ର ନଲେଜ କର୍ପୋରେସନ ଲିମିଟେଡ୍ (ଏମ୍‌କେସିଏଲ)ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସାମନ୍ତ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ବଲପୁର ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ଭିସୁଟର କୁଳପତି ପ୍ରଫେସର ଅଟଳ ଚୌଧୁରୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

ଗୁଡ଼ିକ ସମ୍ମୁଖରେ ଶିକ୍ଷାକୁ କିଭଳି ବୃତ୍ତିଭିତ୍ତିକ କରି ହେବ ତାହା ସବୁଠୁ ବଡ଼ ଆହ୍ୱାନ। ତା' ସହିତ ଯୁବବର୍ଗଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କଲେ ସମାଜ ଓ




ସରକାର ପାଇଁ ତାହା ଅପରାଧମୂଳକ ମାନସିକତା ହ୍ରାସ କରିବାରେ ସହାୟକ ହେବ। ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକର ଏହି ସମସ୍ତ ସମସ୍ୟାର ସମାଧାନ ମହାତ୍ମା ଗାନ୍ଧୀଙ୍କ 'ନଇ ତାଲିମ'ରେ ରହିଛି। ସ୍ୱାଧୀନତା ସମୟରେ ହିଁ

ପ୍ରଣାଳୀ ଖୋଜ ଯାହାକି ସ୍ୱାବଲମ୍ବୀ ଓ ସ୍ୱାୟତ୍ତ ହୋଇଥିବ। ସାମାଜିକ କ୍ଷେତ୍ରରେ ବ୍ୟବହୃତ ଓ ଫଳପ୍ରସୂ କାର୍ଯ୍ୟ ହିଁ ଜ୍ଞାନ ଆହରଣର ମାଧ୍ୟମ ହେବା କଥା ବୋଲି ଏମକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସାମନ୍ତ କହିଥିଲେ। ଭବିଷ୍ୟତରେ ୬୯% ପୁରାତନ କାର୍ଯ୍ୟ ବାଦ ପଡ଼ିବ। ରୋବାଟିକ୍ସ, ଅଟୋମେସନ ଦ୍ୱାରା ଯଦିଓ ଅନେକ ପ୍ରକାରର କାର୍ଯ୍ୟ ଅନାବଶ୍ୟକ ହୋଇଥାଏ ତେବେ ସେହି ସମାନ ସମୟରେ ପୁଣି ନୂତନ ନିଯୁକ୍ତି ମଧ୍ୟ ସୃଷ୍ଟି ହୋଇଥାଏ। ଏହି ଅବସରରେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରୋଫାଇଲ ଉନ୍ମୋଚିତ ହୋଇଥିଲା। ଦୂରଦୂରାନ୍ତ ତଥା ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ କମ୍ପ୍ୟୁଟର କେନ୍ଦ୍ର ନଖୋଜି ନିଜ ଏଣ୍ଡ୍ରୋଏଡ୍ ମୋବାଇଲରେ ଫର୍ମପୂରଣ ଆଦି ସୁବିଧା ସକାଶେ 'ଓଏସଓୟୁ ମୋବାଇଲ ଆପ୍' ମଧ୍ୟ ଉଦଘାଟିତ ହୋଇଥିଲା। ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଏମ୍‌କେସିଏଲ୍ ଏବଂ ରାଜ୍ୟ ଗ୍ରାମୀଣ ବିକାଶ ଓ ପଞ୍ଚାୟତରାଜ ପ୍ରତିଷ୍ଠାନ (ଏସଆଇଆରଡ଼ି ଆଣ୍ଡ ପିଆର) ସହ ଚୁକ୍ତିପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଜୟନ୍ତ କରଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ପରାମର୍ଶଦାତା ଜ୍ୟୋତି ପ୍ରକାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।